# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଶାମ୍‌ଶୋନ୍, ପରମେଶ୍ୱରଙ୍କ ଏକ ବଲବାନ୍ ଲୋକ

ଲେଖକ: Edward Hughes
ଦୃଷ୍ଟାନ୍ତ: Janie Forest
ଅନୁବାଦକ: Prasanta Bhuyan
ଉପ୍ଯୋଜକ: Lyn Doerksen

କାହାଣି ୬୦ ରୁ ୧୪

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*

ଅନୁମତି ସ୍ୱତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଓଡ଼ିଆ

Oriya

ଅନେକ ବର୍ଷ ଆଗେ, ମାନୋହ ନାମରେ ଏକ ଲୋକ ଇସ୍ରାଏଲରେ ବାସ କରୁଥିଲେ । ସେମାନଙ୍କ କୌଣସି ସନ୍ତାନ ନଥିଲା । ଦିନେ ସଦାପ୍ରଭୁଙ୍କ ଦୂତ ମାନୋହଙ୍କ ସ୍ତ୍ରୀଙ୍କୁ ଦର୍ଶନ ଦେଲେ । ତୁମ୍ଭେ ଏକ ବିଶେଷ ଦରଣର ପୁତ୍ରସନ୍ତାନକୁ ଧରଣର କରିବ, ସେ କହିଲେ ।





ସେ ସେହି ଅଦ୍ଭୁତ ସମାଚାର ନିଜ ସ୍ୱାମିଙ୍କୁ କହଲେ । ମାନୋହ ପ୍ରାର୍ଥନା କଲେ, ହେ ପ୍ରୋଭୋ, ବିନୟ କରୁଅଛି ପୁନର୍ବାର ଆସନ୍ତୁ । ଶିଖାନ୍ତୁ ପୁତ୍ର ନିମନ୍ତେ ଆମ୍ଭମାନଙ୍କୁ କଣ କରିବାକୁ ପଡ଼ିବ ।







ସଦାପ୍ରଭୁଙ୍କ ଦୂତ ମାନୋହଙ୍କୁ କହିଲେ ତାହାର
ମସ୍ତକରେ କ୍ଷୁର ଲାଗିବ ନାହିଁ, ସେ କେବେହେଁ
ମଦ୍ୟପାନ କରିବେ ନାହିଁ କିମ୍ବା କେତେକ ଖାଦ୍ୟକୁ ମଧ୍ୟ
ବର୍ଜୀତ କରିବେ । ସଦାପ୍ରଭୁ ତାହାଙ୍କୁ ବିଚାରକ ଭାବେ
ଅଭିଶିକ୍ତ କରିବେ ଓ ସେ ଇସ୍ରାଏଲର ନେତୃତ୍ୱ କରିବେ ।

3



ନିଶ୍ଚିତ ଭାବରେ ସଦାପ୍ରଭୁଙ୍କ ଲୋକମାନଙ୍କୁ
ସାହାଯ୍ୟର ଆବଶ୍ୟକ । ସେମାନେ ସଦାପ୍ରଭୁଙ୍କୁ ନିଜ ଜୀବନକୁ
ଅଲଗା କରିଥିଲେ, ଏବଂ ସେମାନେ ସେମାନଙ୍କର ଶତ୍ରୁ ହସ୍ତରେ ସମର୍ପୀତ ଥିଲେ, ପଲେଷ୍ଟିୟ
ମାନେ । କିନ୍ତୁ ଯେତବେଳେ ସେମାନେ ପ୍ରାର୍ଥନା କଲେ ସଦାପ୍ରଭୁ ଶୁଣିଲେ । ସେ ଏହି
ବାଳକକୁ ପ୍ରେରଣ କଲେ ଯେ କି ପୃଥିବିର ଏକମାତ୍ର ବଳବାନ୍ ଲୋକ ହେବେ ।

4



ସେହି ସ୍ତ୍ରୀ ଏକ ପୁତ୍ର ସନ୍ତାନ ପ୍ରସବ
କଲେ ଓ ତାହାର ନାମ ଶାମ୍ଶୋନ୍
ରଖିଲେ । ଏହି ବାଳକ ବଢ଼ିଲା, ଓ
ସଦାପ୍ରଭୁ ତାଙ୍କୁ ଆଶିର୍ବାଦ କଲେ । ଓ
ସଦାପ୍ରଭୁଙ୍କ ଆତ୍ମା ତାଙ୍କ ଉପରେ
ଅଧିଷ୍ଟିତ ହେଲା । ଶାମ୍ଶୋନ୍ ଆହୁରି
ମଜଭୁତ ହୋଇଗଲେ । ଦିନେ ସେ ଏକ
ଯୁବା ସିଂହ ସହିତ ଲଢ଼େଇ କରି ତାକୁ
ଛେଳିପରି ବିଦୀର୍ଣ୍ଣ କଲା, ମାତ୍ର ତାଙ୍କ
ହାତରେ କିଛି ନଥିଲା ।

5



ପରେ, ସେ ମହୁମାଛିର ଝାଙ୍କ ଓ ସେଥିରେ ଥିବା ମହୁ ଖାଇଲେ,
କାରଣ ସେହି ମୃତ ସିଂହର କଙ୍କାଳରେ ମହୁ ହୋଇଥିଲା । ସେହିଠାରୁ ସେ
ଏକ ପ୍ରହେଳିକା ଗଢ଼ିଲା ଖାଦକଠାରୁ ଖାଦ୍ୟ ଓ ବଳବାନ୍ଠାରୁ ମିଷ୍ଟତା ନିର୍ଗତ ହେଲା ।

6



ସେମାନଙ୍କ ମଧ୍ୟରୁ କେହିହେଲେ ତାହାର ଉତ୍ତର କରି
ପାରିଲେ ନାହିଁ- କିନ୍ତୁ ଶାମ୍ଶୋନ୍ଙ୍କର ନୂତନ ସ୍ତ୍ରୀ, ଏକ ପଲେଷ୍ଟିୟ,
ତାଙ୍କ ବନ୍ଧୁମାନଙ୍କୁ କହିଲେ । ଏହା ଶାମ୍ଶୋନଙ୍କୁ ଅତ୍ୟନ୍ତ କ୍ରୋଧିତ କଲା ।

7

ଶାମ୍ଶୋନ୍ ତାହାଠାରୁ ମଧ୍ୟ ଅତ୍ୟନ୍ତ କ୍ରୋଧିତ ହେଲେ ଯେତେବେଳେ ପଲେଷ୍ଟୀୟମାନେ ତାଙ୍କର
ସ୍ତ୍ରୀଙ୍କୁ ତାଙ୍କର ଉତ୍ତମ ବନ୍ଧୁଙ୍କ ହାତରେ ଦେଲେ । ସେ ଏହାର ପ୍ରତିଶୋଧ ନେବା ନିମନ୍ତେ
ଯୋଜନା କଲେ । କିନ୍ତୁ କିପରି, ପ୍ରଥମରେ, ଶାମ୍ଶୋନ୍ ତିନିଶହ ବିଲୁଆ ଧରିଲେ ଓ ଦିହୁଡ଼ି
ଲାଙ୍ଗୁଳକୁ ଲାଙ୍ଗୁଳ ବାନ୍ଧି ଦିହୁଡ଼ି ଜଳାଇଲେ ।



8

ତାପରେ ଶାମ୍‌ଶୋନ୍ ସେହି ପଲେଷ୍ଟିୟ ମାନଙ୍କ ବଢ଼ନ୍ତା କ୍ଷେତ୍ରରେ ବିଲୁଆମାନଙ୍କୁ ଛାଡ଼ିଦେଲେ ।



9

ବର୍ତ୍ତମାନ୍ ପଲେଷ୍ଟୟମାନେ ମଧ୍ୟ ପ୍ରତିଶୋଧ ନେବାକୁ ଚ଼ାହୁଁଥିଲେ । ଶାମ୍‌ଶୋନ୍ ନିଜେ ସେମାନଙ୍କୁ ଧରା ଦେଲେ, ବନ୍ଧାହୋଇ ପଲେଷ୍ଟିୟ ମାନଙ୍କ ହାତରେ ଦିଆଗଲେ ।



10

କିନ୍ତୁ ସଦାପ୍ରଭୁଙ୍କ ଆତ୍ମା ଶାମ୍‌ଶୋନ୍‌ଙ୍କ ଉପରେ ଆସିଲା ।
ସେ ସେହି ଦଉଡ଼ିକୁ ଅଗ୍ନିଦଗ୍ଧ ଛଣପଟ ପରି କଲେ ।
ସେତେବେଳେ ସେ ଗର୍ଦ୍ଧଭର ଗୋଟିଏ କଞ୍ଚା ଥୋମଣି
ପାଇ ହାତ ବଢ଼ାଇ ନେଲେ ଓ ସେଠାରୁ ଏକ ହଜାର
ଲୋକଙ୍କୁ ବଧ କଲା ।



11

ପଲେଷ୍ଟିୟ ମାନଙ୍କର ଖୋଜିବା ଦଳ ଶାମ୍‌ଶୋନ୍‌ଙ୍କୁ ଖୋଜିବାକୁ ଲାଗିଲେ । ଏକ ରାତ୍ରୀରେ ସେମାନେ ତାହାଙ୍କୁ ଘେରି ନଗରଦ୍ୱାରସବୁ ବନ୍ଦକଲେ । କିନ୍ତୁ ଶାମ୍‌ଶୋନ୍ ଉଠି ନଗରଦ୍ୱାରର କବାଟ ଓ ଦୁଇ ବାଜୁବନ୍ଧ ଧରି ଅରଗଳ ସମେତ ଉପାଡ଼ି ପକାଇ ତାହା କାନ୍ଧରେ ଧରି ବାହାରିଗଲା ।



12

କିନ୍ତୁ ଶାମ୍‌ଶୋନ୍ ସଦାପ୍ରଭୁଙ୍କୁ ବିଫଳ କଲେ । ପ୍ରଭୁ ତାଙ୍କୁ ଶକ୍ତି ଦଲେ ଯେ ସମୟ ପର୍ଯ୍ୟନ୍ତ ସେ ସଦାପ୍ରଭୁଙ୍କର ବାଧ୍ୟ ହେଲେ । ଦିନେ ଶାମ୍‌ଶୋନ୍ ନିଜର ଶକ୍ତିର ଉତ୍ସ ବିଷୟରେ ଦଲିଲାଙ୍କୁ କହିଲା, ଏକ ସୁନ୍ଦରି ପଲେଷ୍ଟିୟ ଚ଼ରଣୀ । ସେ ଶାମ୍‌ଶୋନ୍‌ଙ୍କ ଶୋଇବା ସମୟରେ ତାଙ୍କର କେଶ କ୍ଷୌର କରିଦେଲା ।



13



ତାପରେ ପଲେଷ୍ଟିୟମାନେ ଶାମ୍‌ଶୋନ୍‌ଙ୍କୁ ଦଲିଲାଙ୍କ ଶୟନ କକ୍ଷରେ ଆକ୍ରମଣ କଲେ । ଶାମ୍‌ଶୋନ୍  ସେମାନଙ୍କ ସହିତ ବହୁତ ଲଢ଼େଇକଲେ–ଶେଷରେ ନିର୍ବଳ ହୋଇଗଲେ । ତାଙ୍କର ଶତ୍ରୁମାନେ ତାଙ୍କର ଆଖି ଉପାଡ଼ି  ପକାଇଲେ । ଅନ୍ଧ ଓ ଦୁର୍ବଳ, ଶାମ୍‌ଶୋନ୍ ପଲେଷ୍ଟୟମାନଙ୍କର ଦାସ ହୋଇଗଲେ । ସେମାନେ ପ୍ରଭୁଙ୍କ ଦାସଙ୍କୁ ପରିହାସ କଲେ ।



14

ପଲେଷ୍ଟିୟମାନେ ଏକ ଭୋଜର ଆୟୋଜନ କରିଥିଲେ । ଶାମ୍‌ଶୋନ୍‌ଙ୍କୁ ସେମାନଙ୍କ ହାତରେ ଦେବା ହେତୁ ସେମାନେ ସେମାନଙ୍କର ମତ୍ସ୍ୟ ଦେବତା, ଅଜଗରଙ୍କୁ, ପ୍ରସଂଶା କଲେ । ସେମାନେ ମଦ୍ୟ ପାନ କରି ଅଜଗର ଦେବତାର ମନ୍ଦିରରେ ଆନନ୍ଦ ଉଲ୍ଲାସ କଲେ । ସେମାନେ ଶାମ୍‌ଶୋନ୍‌ଙ୍କୁ ସେମାନଙ୍କ ନିମନ୍ତେ କୌତୁକ କରିବାକୁ ଡାକିଲେ ।



15

ଶାମ୍‌ଶୋନ୍ ର ହସ୍ତଧାରି ବାଳକ ତାହାଙ୍କୁ ନେଇ ଆସିଲା, ଓ ଗୃହର ଛାତ ନିର୍ଭର ଥିବା ସେହି ଦୁଇ ସ୍ତମ୍ଭରେ ସେ ଆଉଜି ହୋଇ ରହିଲେ । ସେଠାରେ ତିନିହଜାର ପଲେଷ୍ଟିୟମାନେ ଛାତ ଉପରେ ଥିଓ, ଏ ଅନେକ ଲୋକ ମନ୍ଦିର ଗୃହ ଭିତରେ ଥିଲେ, ସମସ୍ତେ ତାଙ୍କୁ ପରିହାସ କରୁଥିଲେ ।



16

ମାତ୍ର କାରାଗାରରେ ଶାମ୍‌ଶୋନ୍‌ଙ୍କ କେଶ ପୁନର୍ବାର ବଢ଼ିବାକୁ ଲାଗିଲା । ବର୍ତ୍ତମାନ୍ ସେ ପ୍ରାର୍ଥନା କଲେ ହେ ସଦାପ୍ରଭୋ, ଏହିଥରକ ପାଇଁ ମୋତେ ବଳବାନ୍ କର, ଯେପରି ମୁଁ ଏକାବେଳେ ମୋହର ଦୁଇ ଚକ୍ଷୁର ପ୍ରତିଶୋଧ ନେଇପାରିବି ।



17

ସଦାପ୍ରଭୁ କି ଶାମ୍‌ଶୋନ୍‌ଙ୍କୁ ପୁନର୍ବାର ଶକ୍ତି ଦେବେ, ଶାମ୍‌ଶୋନ୍ କୁ ପୁନର୍ବାର ଅସମ୍ଭବକୁ ସମ୍ଭବ କରିବେ, ହଁ, ହଁ ଶକ୍ତ ଭାବରେ ସେ ନିଜକୁ ନୁଆଁଇଲା, ଶାମ୍‌ଶୋନ୍ ସେହି ମସ୍ତବଡ଼ ସ୍ତମ୍ଭ ଗୁଡ଼ିକ ଉପରେ ଆଉଜି ତଳେ ପକାଇଲେ । ଫଳରେ ଅଜଗର ମନ୍ଦିରରେ ହଜାର ହଜାର ସଂଖ୍ୟାରେ ପଲେଷ୍ଟିୟମାନେ ଓ ଶାମ୍‌ଶୋନ୍‌ଙ୍କର ପ୍ରାଣ ଗଲା ।



18

ଶାମ୍‌ଶୋନ୍, ପରମେଶ୍ୱରଙ୍କ ଏକ ବଳବାନ୍ ଲୋକ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କାହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ବିଚାରକର୍ତ୍ତା ୧୩-୧୬

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।